**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନୂଆବର୍ଷ: ଆଖଣ୍ଡଳମଣି ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଧୁଷୁରୀ,୧।୧(ଦୀପ୍ତିରଞ୍ଜନ ନାୟକ)**

ଇଂରାଜୀ ନୂଆବର୍ଷ ଅବସରରେ ଭଦ୍ରକ ଜିଲାର ପ୍ରମୁଖ ଶୈବପୀଠ ଆରଡ଼ି ଆଖଣ୍ଡଳମଣି ପୀଠରେ ଗୁରୁବାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ଭୋର ୪ଟା ୩୦ରେ ମନ୍ଦିର ପହଡ଼ ଖୋଲିଲା ପରେ ମଙ୍ଗଳ ଆଳତି କରାଯାଇଥିଲା। ବିଶ୍ୱର କଲ୍ୟାଣ ଉଦ୍ଦେଶ୍ୟରେ ସେବାୟତମାନେ ବାବା ଆଖଣ୍ଡଳମଣିଙ୍କ ମସ୍ତକରେ ଜଳଲାଗି କରିଥିଲେ। ପରେ ପ୍ରଭୁଙ୍କୁ ଦିଗମ୍ବର ବେଶରେ ଭକ୍ତମାନେ ଲମ୍ବାଲାଇନରେ ଆସି ଦର୍ଶନ କରିଥିଲେ।

ସକାଳ ୮ଟା ପରେ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ହୋଇଥିଲା। ଜଳପଥରେ ମୁଆଁ, ତିନିତର ଓ ଧାନଖଣିଆ ଘାଟ ଦେଇ ଭକ୍ତମାନେ ପୀଠକୁ ଆସିଥିଲେ। ସେହିପରି ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର ଆଦ୍ଯ ସ୍ଥଳପଥରେ ଭକ୍ତଙ୍କ ସୁଅ ଛୁଟିଥିଲା। ଭିଡ଼କୁ ଲକ୍ଷ୍ୟ କରି ଜିଲା ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା ହୋଇଥିଲା। ଭକ୍ତମାନେ ଲମ୍ବାଧାଡ଼ିରେ ଜଣକ ପରେ ଜଣେ ଯାଇ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଥିଲେ। ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଧୁଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ଓ ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ପୀଠରେ ଉପସ୍ଥିତ ରହି ଭିଡ଼ ନିୟନ୍ତ୍ରଣ ତଥା ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ନଜର ରଖିଥିଲେ। ପୀଠରେ ଜଣେ ଅତିରିକ୍ତ ଏସ୍‌ପି, ୩ଜଣ ଇନ୍ସପେକ୍ଟର, ୧୦ଜଣ ଏସ୍ଆଇ ଓ ଏଏସ୍ଆଇ ନିୟୋଜିତ ରହିଥିବା ବେଳେ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ପୀଠରୁ ଚାରିଚକିଆ ଯାନଗୁଡ଼ିକୁ ନାନ୍ଦପୁର ଦେଇ କୁଳେଇପଦା ଛକରେ ବାହାର କରାଯିବାରୁ ପୂର୍ବବର୍ଷ ପରି ଚକଜାମ୍ ସ୍ଥିତି ଉପୁଜି ନ ଥିଲା। ଅପରାହ୍ନ ୪ଟା ଯାଏ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ପୀଠରେ ୭୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ବାବାଙ୍କୁ ଦର୍ଶନ କରିବା ସହ ନିଜର ପ୍ରିୟ ପରିଜନଙ୍କ ଉଦ୍ଦ୍ୟଶରେ ଦୀପ ଜାଳିଥିବା ଜଣାଯାଇଛି। ଭକ୍ତମାନେ ଶାନ୍ତିଶୃଙ୍ଖଳାର ସହ ପୀଠରେ ଦିଅଁ ଦର୍ଶନ କରିଥିବାରୁ ଜିଲାପାଳ ଦିଲୀପ କୁମାର ରାଉତରାଏ ଧନ୍ୟବାଦ ଜଣାଇଛନ୍ତି।



ଶ୍ରଦ୍ଧାଳୁମାନେ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଧାଡ଼ିରେ ଯାଉଛନ୍ତି।

# ତପସ୍ୱିନୀ ଭାଜପା ଜିଲା ଉପସଭାପତି

**ଭଣ୍ଡାରିପୋଖରୀ,୧।୧(ରାଜେନ୍ଦ୍ର ଶତପଥୀ)**

ଭାଜପାର ରାଜ୍ୟ ସଭାପତିଙ୍କ ଅନୁମୋଦନକ୍ରମେ ଭଦ୍ରକ ଜିଲା କମିଟିରେ ପଦାଧିକାରୀମାନଙ୍କ ସମେତ ଜିଲା କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ଭଣ୍ଡାରିପୋଖରୀ ବ୍ଲକରୁ ପୂର୍ବରୁ ଦଳର ଜିଲା ସମ୍ପାଦିକା ଥିବା ତପସ୍ୱିନୀ ମହାପାତ୍ରଙ୍କୁ ଜିଲା ଉପସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିପାଇଁ ସେ ରାଜ୍ୟ ସଭାପତି ମନମୋହନ ସାମଲ, ଜିଲା ସଭାପତି ଭଗବାନ ପଣ୍ଡା, ଏମ୍‌ପି ଅଭିମନ୍ୟୁ ସେଠୀ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୁବର୍ଣ୍ଣମୁଖୀ ମଣ୍ଡଳର ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ରାଜନୈତିକ କାର୍ଯ୍ୟ ଆରମ୍ଭ କରିଥିବା ତପସ୍ୱିନୀ ଦଳର ଆଇଟି ସେଲ୍, ଜିଲା ସମ୍ପାଦକ, ବାସୁଦେବପୁର ବିଧାନସଭା କ୍ଷେତ୍ରରେ ଦଳୀୟ ପ୍ରଭାରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି।



ତପସ୍ୱିନୀ ମହାପାତ୍ର

# ସରିଲା ଜାତୀୟସ୍ତରୀୟ ବାଣିଜ୍ୟ ମେଳା



ଉଦ୍‌ଯାପନୀ ସନ୍ଧ୍ୟାରେ କମିଟି ପକ୍ଷରୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଭଦ୍ରକ,୧।୧(ସନାତନ ରାଉତ)**

ଭଦ୍ରକ ତଥା ଆଖପାଖ ଅଞ୍ଚଳର ବ୍ୟବସାୟୀମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ଏମ୍ଏସ୍ଏମ୍ଇ ପକ୍ଷରୁ କରାଯାଉଥିବା ବାଣିଜ୍ୟ ମେଳା ଏକ ବଡ଼ ସୁଯୋଗ। ଏହି ମେଳାରେ ସ୍ୱଦେଶୀ ପ୍ରଥାକୁ ପ୍ରୋତ୍ସାହନ ଦିଆଯାଉଛି ବୋଲି ଭଦ୍ରକର ସାମରାଇପୁରରେ ଚାଲିଥିବା ଜାତୀୟସ୍ତରୀୟ ବାଣିଜ୍ୟ ମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ଡିଏଫ୍‌ଓ ସଂସ୍ଥା ଓସ୍‌ମେ ଏବଂ ବିବିଏମ୍‌ର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି ମେଳା ବୁଧବାର ରାତିରେ ଉଦ୍‌ଯାପିତ ହୋଇଛି। ମୁଖ୍ୟବକ୍ତା ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ଅନ୍ୟତମ ଅତିଥି ଭାବେ ପୁରୀ ଶ୍ରୀ ଚୈତନ୍ୟ ଆଶ୍ରମର ସମ୍ପାଦକ ତ୍ରିଦାନନ୍ଦ ସ୍ୱାମୀ ଭକ୍ତିବଲ୍ଲଭାଚାର୍ଯ୍ୟ ମହାରାଜ, କଟକ ଏମ୍ଏସ୍ଏମ୍ଇ ଡିଏଫ୍‌ଓର ସହ ନିର୍ଦ୍ଦେଶକ ଶିବାନନ୍ଦ ନାୟକ, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ରାଜ୍ୟ ଓସ୍‌ମେର ସମ୍ପାଦକ ସାତ୍ତ୍ୱିକ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବିବିଏମ୍‌ର ସଭାପତି ସୁଶାନ୍ତ କୁମାର ନାୟକ, ସମ୍ପାଦକ ମନୋଜ କୁମାର ରାୟ, ବିବିଏମ୍‌ର ପୃଷ୍ଠପୋଷକ ଶଶିଶେଖର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଓସ୍‌ମେର ଉପସଭାପତି ରାଜେଶ ମିଶ୍ର ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସଭାପତି ସୂରଜ କୁମାର ସାହୁ ସଭାପତିତ୍ୱ କରିଥିଲେ। ବିବିଏମ୍‌ର ପୃଷ୍ଠପୋଷକ ବସନ୍ତ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବିପ୍ଳବୀ ବୀର ଚକ୍ରଧର ବେହେରାଙ୍କ ଶ୍ରାଦ୍ଧବାର୍ଷିକୀ





ଘଣ୍ଟେଶ୍ୱରଠାରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଚାନ୍ଦବାଲି,୧।୧(କିଷାନ ପାତ୍ର)**

ସ୍ୱାଧୀନତା ସଂଗ୍ରାମୀ, କୃଷକ ଆନ୍ଦୋଳନର ପୁରୋଧା ବିପ୍ଳବୀ ବୀର ଚକ୍ରଧର ବେହେରାଙ୍କ ୫୩ତମ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମ ଗୁରୁବାର ତାଙ୍କ ଜନ୍ମମାଟି ଘଣ୍ଟେଶ୍ୱରସ୍ଥିତ ବିବିସି ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ଚକ୍ରଧର ବେହେରା ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ସତ୍ୟାନନ୍ଦ ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଅନ୍ୟତମ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବିଶ୍ୱଜିତ ଦାସ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ଅଟଳ ବିହାରୀ ନାୟକ, ସ୍ତମ୍ଭକାର ଇଂ. ଅଭୟ ସୂତାର, ଚାନ୍ଦବାଲି ଓକିଲ ସଂଘ ସଭାପତି ଉପେନ୍ଦ୍ର ରାଉଳ, ଆଇନଜୀବୀ ଗିରିଧାରୀ ନାଥ, ସ୍ତମ୍ଭକାର ରବୀନ୍ଦ୍ର ଆଚାର୍ଯ୍ୟ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶଶିଶେଖର କରଶର୍ମା, ରାଜନେତା ଦିଗମ୍ବର ଦାସ, ସରପଞ୍ଚ ବାପୁନ ବାରିକ, କବୟିତ୍ରୀ ସଂଯୁକ୍ତା ବଳ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମରେ ବିପ୍ଳବୀ ବେହେରାଙ୍କ ଭୂମିକା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ସଂସଦର ସଂଯୋଜକ ଧୀରେନ୍ଦ୍ର ବେହେରା ସ୍ୱାଗତ ଭାଷଣ ଓ କ୍ରୀଡ଼ା ଶିକ୍ଷକ ପ୍ରଭାକର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସମାଜରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରାସ୍ତାକଡ଼ରେ ଦୋକାନ ଖୋଲିଲେ ଗଣିବେ ଜରିମାନା

**ଭଦ୍ରକ,୧।୧(ସନାତନ ରାଉତ)**

ଭଦ୍ରକ ସହରର ମହତାବ ଛକଠାରୁ କଚେରି ବଜାର ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ଦୋକାନ ଖୋଲିଲେ ଜରିମାନା ଦେବାକୁ ପଡ଼ିବ ବୋଲି ଗୁରୁବାର ସନ୍ଧ୍ୟାରେ ଭଦ୍ରକ ପୌରପାଳିକା ପକ୍ଷରୁ ଡାକବାଜି ଯନ୍ତ୍ରରେ ଘୋଷଣା କରାଯାଇଛି। ମହତାବ ଛକଠାରୁ କଚେରି ବଜାର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ଶିଳାନ୍ୟାସ ସରିଥିବା ବେଳେ ଖୁବ୍‌ଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ। ସେଥିପାଇଁ ମାପଚୁପ କରି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବ। ଏହି କାରଣରୁ ଉଭୟ ପାର୍ଶ୍ୱରେ ଉଠାଦୋକାନ ଖୋଲିବା ପାଇଁ ପୌରପାଳିକା ପକ୍ଷରୁ ବାରଣ କରାଯାଇଛି। ଏହାକୁ ଅମାନ୍ୟ କରି ଦୋକାନ ଖୋଲିଲେ ଜରିମାନା ଆଦାୟ ହେବ। ଏଥିସହ ଭଦ୍ରକ ସହରର ସର୍ବସାଧାରଣ ସ୍ଥାନରେ ବେଆଇନ ପାର୍କିଂ କଲେ ୨୦୦୦ ଟଙ୍କା ଜରିମାନା ଆଦାୟ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌରପାଳିକା ଓ ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି।

# ଜମିଜମାକୁ ନେଇ ସଂଘର୍ଷ: ୬ ଗୁରୁତର, ଜଣେ ଗିରଫ

**ତିହିଡ଼ି,୧।୧(ସଞ୍ଜିତ ବଳ)**

ତିହିଡ଼ି ଥାନା ଅଧୀନ ସୟା ପଞ୍ଚାୟତର ବାଉଁଶବାଗ ଗ୍ରାମରେ ବୁଧବାର ଜମିଜମାକୁ ନେଇ ୨ ପରିବାର ମଧ୍ୟରେ ସଂଘର୍ଷ ଘଟିଥିବା ବେଳେ ଉଭୟ ପକ୍ଷରୁ ୬ଜଣ ଗୁରୁତର ହୋଇଛନ୍ତି। ଉଭୟ ପକ୍ଷରୁ ତିହିଡ଼ି ଥାନାରେ ଅଭିଯୋଗ ପରେ ପୋଲିସ ୨ଟି ମାମଲା ରୁଜୁ କରି ଗୁରୁବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ବାଉଁଶବାଗ ଗ୍ରାମର ଦୀପକ ବଳ ଓ ବିଜୟ ବଳଙ୍କ ପରିବାର ମଧ୍ୟରେ ଜମିଜମାକୁ ନେଇ ଶତ୍ରୁତା ଥିଲା। ଏହାକୁ କେନ୍ଦ୍ରକରି ବୁଧବାର ପୂର୍ବାହ୍ନରେ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇ ସଂଘର୍ଷ ଉପୁଜିଥିଲା। ୬ ଗୁରୁତରଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାକୁ ନେଇ ଦୀପକଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୪୨୯/୨୫) ଏବଂ ବିଜୟଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ବଳଙ୍କ ଅଭିଯୋଗକ୍ରମେ ଅନ୍ୟ ଏକ ମାମଲା (ନଂ.୪୩୦/୨୫) ରୁଜୁ ହୋଇଛି। ପରେ ପୋଲିସ ବିଜୟଙ୍କୁ ଗିରଫ କରିଥିଲା। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଫୈଜ-ଏ-ରଯା ଏଜୁକେଶନାଲ ଆଣ୍ଡ୍ ୱେଲ୍‌ଫେୟାର ଟ୍ରଷ୍ଟର ସମ୍ମିଳନୀ



ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

**ଭଦ୍ରକ,୧।୧(ସନାତନ ରାଉତ)**

ଭଦ୍ରକ ପୁରୁଣାବଜାରସ୍ଥିତ ଫୈଜ-ଏ-ରଯା ଏଜୁକେଶନାଲ ଆଣ୍ଡ୍ ୱେଲଫେୟାର ଟ୍ରଷ୍ଟ ଆନୁକୂଲ୍ୟରେ ତାଲିମ ବେଦାରୀ ଓ ସମ୍ମିଳନୀ ବୁଧବାର ଅଲାଲପୁରସ୍ଥିତ ରୟାଲ ପ୍ୟାଲେସଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶେଖ ଗୋଲାମ ମହମ୍ମଦଙ୍କ ସଭାପତିତ୍ୱ ଓ ସଦସ୍ୟ ଶେଖ ଅବଦୁଲ ବାରୀଙ୍କ ସଞ୍ଚାଳନରେ ମଦ୍ରାସା ଛାତ୍ର ଜୁବେର ମହମ୍ମଦଙ୍କ କୋରାନ ପାଠରୁ ଆରମ୍ଭ ହୋଇଥିଲା। ଟ୍ରଷ୍ଟ ଦ୍ୱାରା ପରିଚାଳିତ ଛୋଟ ଶଙ୍କରପୁର ଦରଜିପଡ଼ିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଛାତ୍ରୀଛାତ୍ର ସୈୟଦ ତହସିନ ଅହେମଦ, ଫାତେମା କାଦରୀ, ନେଦା ଫାତମା, ପଲକ କାଦରୀ କୁରଆନ ଶରିଫ ନାଜରା ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ହଜରତ ଅଲ୍ଲାମା ଓ ମୌଲାନା ମୁଫତି ସୋଲତନା ରଯା ଉପହାର ପ୍ରଦାନ କରିଥିଲେ। ପରେ ମୌଲାନା ନୀତିବାଣୀ ପ୍ରଦାନ କରିଥିଲେ। ଶିକ୍ଷାର ମହତ୍ତ୍ୱ ଉପରେ ସେ ବକ୍ତବ୍ୟ ରଖିଥିଲେ। ମଦ୍ରସାର ଉପସଭାପତି ସେଖ ମୋଇନୁଦ୍ଦିନ, ସମ୍ପାଦକ ସେଖ ସାହିଦ ରଫିକ, ସହସମ୍ପାଦକ ମହମ୍ମଦ ଅବଦୁଲ ରହିମ, କୋଷାଧ୍ୟକ୍ଷ ଅବଦୁଲ ଆବିଦ ଖାନ, ସାହାଜାନ ଖାନ, ଶେଖ ଆଶିକ, ଇସ୍ତାକ ଖାନ, ଶେଖ ଇଜାଜ ଅହେମଦ, ଶେଖ ଅହେସାନ, ଶେଖ ରିୟାଜୁଦ୍ଦିନ, ଶେଖ ମିନହାଜ ପ୍ରମୁଖ ଧର୍ମସଭା ପରିଚାଳନା କରିଥିଲେ।

# ଆଗରପଡ଼ା ଯୁବ ମହୋତ୍ସବର ୭ମ ସନ୍ଧ୍ୟା

**ଆଗରପଡ଼ା,୧।୧(ସୁଶାନ୍ତ ଦାସ)**

ଆଗରପଡ଼ା ହେମପଦ୍ମ ଗାଲାକ୍ସିରେ ଚାଲିଥିବା ଯୁବ ମହୋତ୍ସବର ବୁଧବାର ଥିଲା ୭ମ ସନ୍ଧ୍ୟା। କମିଟିର ସଭାପତି ଇଂ. ଅମିୟ ରଞ୍ଜନ ରାମଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ ଏହି ସଂଗ୍ରାମୀ ମାଟିରେ ଯୁବ ମହୋତ୍ସବ ଅସ୍ମିତାର ରଙ୍ଗରେ ରଙ୍ଗେଇ ହୋଇ ଜନ ମନ ହରଣ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ନେତା ଡ.ସୁଧାଂଶୁ ଶେଖର ନାୟକ ଯୋଗଦେଇ ମହୋତ୍ସବ ଦ୍ୱାରା ଉତ୍କଳର ମହାନ ସଂସ୍କୃତି ଉଜ୍ଜୀବିତ ହେଉଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଭାଜପା ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ ଓ ଶିକ୍ଷାବିତ୍ ଚିତ୍ତରଞ୍ଜନ ସାମନ୍ତରାୟ ଯୋଗ ଦେଇଥିଲେ। କମିଟିର ସମ୍ପାଦକ ପ୍ରଦ୍ୟୁମ୍ନ ପୁହାଣ ସମ୍ପାଦକୀୟ ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗଠନ ସମ୍ପାଦକ ଚିନ୍ମୟ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ନୃସିଂହ ଖୁଣ୍ଟିଆ, ଯୁଗ୍ମ ସମ୍ପାଦକ ବାବୁରାମ ବେହେରା, ଉପସଭାପତି ତପନ ପୃଷ୍ଟି, ଜିତେନ୍ଦ୍ର ସତପଥୀ, ହିମାଦ୍ରୀ ମହାନ୍ତି, ବାପୁନ ସିଂହ ପ୍ରମୁଖ କମିଟି କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସତ୍ୟବ୍ରତ ମେମୋରିଆଲ କ୍ରିକେଟ୍: ଦେଉଳପଦୀ ବିଜୟୀ

**ଭଣ୍ଡାରିପୋଖରୀ,୧।୧(ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକର କୁଚିଗାଁରେ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ସତ୍ୟବ୍ରତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କଲ୍ୟାଣୀ କ୍ରିକେଟ ଟିମ୍‌କୁ ହରାଇ ଦେଉଳପଦୀ କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। କଲ୍ୟାଣୀ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦୬ ରନ୍ କରିଥିଲା। ଦେଉଳପଦୀ ୧୦୭ରନ୍ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସାମାଜିକ କର୍ମୀ ଉତ୍କଳ କେଶରୀ ବିଶ୍ୱାଳ ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ସରପଞ୍ଚ ରଞ୍ଜନ ପରିଡ଼ା, ଦେବପ୍ରସନ୍ନ ମହାପାତ୍ର, ସନ୍ଦୀପ ସାମଲ, ଦେବ ସେଠୀ ଓ ତପନ ସାମଲ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୟୀ ଟିମ୍‌କୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ କଲ୍ୟାଣୀ ଟିମ୍‌କୁ ରନରଅପ୍ ଟ୍ରଫି ସହ ୬ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।


**Classified Everyday**

**0674-2580101, 9692975378**





**SALE**

**2/3 BHK ready to move flat for sale at Jayadev Vihar square. Contact: 9437307086, 7008789347.** D-2878





3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**



















## ଆଜିଠୁ ଗୋପାଳପୁର ମହୋତ୍ସବ

ବାହାନଗା,୧।୧(ଅରୂପ୍ କୁମାର ଦାସ)– ବାହାନଗା ବ୍ଲକ ଗୋପାଳପୁରଠାରେ ଶୁକ୍ରବାରଠାରୁ ଆରମ୍ଭ ହେବ ଗୋପାଳପୁର ମହୋତ୍ସବ 'କିସ'। ସୋର ପୂର୍ବତନ ବିଧାୟକ ପର୍ଶୁରାମ ଧଡା ଏହାକୁ ଉଦ୍‌ଘାଟନ କରିବେ। ଏହି ମହୋତ୍ସବ ଆସନ୍ତା ୯ ତାରିଖରେ ସରିବ। ଚଳିତ ବର୍ଷ ବିଦ୍ୟୁତ୍ ଚାଳିତ ଶ୍ରୀକୃଷ୍ଣ ଦିବ୍ୟ ଲୀଳା ପ୍ରଦର୍ଶିତ ହେବ। ଯାହାକି ବିଶେଷ ଆକର୍ଷଣ ସାଜିବ। ଏହାସହିତ ଦର୍ଶକ ବିଭିନ୍ନ ଦୋକାନ, ଦୋଳି ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେବେ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ନୂଆବର୍ଷରେ ଛାତ୍ରଙ୍କ ଆତ୍ମହତ୍ୟା

ନୀଳଗିରି,୧।୧(ପ୍ରଶାନ୍ତ ବିଶ୍ୱାଳ)– ଖୁବ୍ ଧୁମ୍ ଧାମ୍‌ରେ ନୂଆବର୍ଷ ପାଳନ କରାଯାଉଥିବା ବେଳେ ନୀଳଗିରି ଥାନା ଅଞ୍ଚଳର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିବା ଭଳି ଦୁଃଖଦ ଘଟଣା ଘଟିଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ନୂଆବର୍ଷରେ ବୁଲିବା ପାଇଁ ଯିବାକୁ ତାଙ୍କ ମା' ଆକଟ କରିବାରୁ ସେ ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି। ନୀଳଗିରି ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ମୃତ ଛାତ୍ର ଜଣଙ୍କ ହେଲେ ନରସିଂହପୁର ପଞ୍ଚାୟତ ପୁରୁଣାଗାଁର ରାମକୃଷ୍ଣ ମହାପାତ୍ରଙ୍କ ପୁଅ ଅଙ୍କିତ (୧୩)।

ସୂଚନା ଅନୁଯାୟୀ, ନୀଳଗିରି ହାଟସାହସ୍ଥିତ ଭଡ଼ାଘରେ ଅଙ୍କିତ ତାଙ୍କ ମା'ଙ୍କ ସହିତ ରହି ନୀଳଗିରି ଜାମୁଡ଼ିଆସ୍ଥିତ ଆଦର୍ଶ ବିଦ୍ୟାଳୟରେ ପଢୁଥିଲେ। ମା' ମନ୍ଦିର ଯାଇଥିବା ଓ ପରିବାର ଲୋକ କେହି ଘରେ ନ ଥିବାବେଳେ ଗୁରୁବାର ଅପରାହ୍ନ ୨ଟା ସମୟରେ ଅଙ୍କିତ ଶୋଇବା ଘରେ ଫ୍ୟାନରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୬) ରୁଜୁ ହୋଇଛି।

# ନୂଆବର୍ଷରେ ବାଲେଶ୍ୱର ଉତ୍ସବମୁଖର



ଇମାମୀ ଜଗନ୍ନାଥ ମନ୍ଦିରରେ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁ।

### ମନ୍ଦିରରେ ଦୀପଦାନ, ପୂଜାର୍ଚ୍ଚନା ପାଇଁ ଭିଡ଼

ବାଲେଶ୍ୱର,୧।୧(ବାଞ୍ଛାନିଧି ଦେ)

ବିଦାୟ ନେଇଛି ୨୦୨୫। ଆଉ ଆସିଛି ଇଂରାଜୀ ନୂଆ ବର୍ଷ–୨୦୨୬। ଗାଁଠୁ ସହର ସବୁଠି ହୋଇଉଠିଛି ଉତ୍ସବମୁଖର। ପିଲାଠାରୁ ବୁଢ଼ା ଯାଏଁ ହାତ ମିଳାଇ ହାପି ନିଉ ଇୟର୍ କହି ପରସ୍ପରକୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଚଳିତବର୍ଷକୁ ସୁଖ, ଶାନ୍ତିରେ ବିତାଇବା ପାଇଁ ବାଲେଶ୍ୱରବାସୀ ପରିବାରବର୍ଗଙ୍କ ସହ ବିଭିନ୍ନ ମନ୍ଦିରକୁ ଯାଇ ଦୀପ ଜାଳି, ପୂଜାର୍ଚ୍ଚନା କରିଥିଲେ। ଇମାମୀ ଜଗନ୍ନାଥ ମନ୍ଦିର, କ୍ଷୀରଚୋରା ଗୋପୀନାଥ ମନ୍ଦିର, ଝାଡ଼େଶ୍ୱର ମନ୍ଦିର, ପଞ୍ଚଲିଙ୍ଗେଶ୍ୱର ଶୈବପୀଠ, ନୀଳଗିରି ଜଗନ୍ନାଥ ମନ୍ଦିର ଆଦି ଚଳଚଞ୍ଚଳ ହୋଇଉଠିଥିଲା। ସେହିପରି ବିଭିନ୍ନ କାର୍ଯ୍ୟାଳୟ, ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ ଅଧିକାରୀମାନଙ୍କୁ କର୍ମଚାରୀମାନେ ଭେଟି ନୂଆ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ବିଧାୟକଗଣ, ଜିଲାପାଳ, ସାମାଜିକ କର୍ମୀ, ଜନପ୍ରତିନିଧି ନୂଆବର୍ଷର ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ବାଲେଶ୍ୱର ସହର ଉତ୍ସବ ମୁଖର ହୋଇଉଠିଥିଲା। ବିଭିନ୍ନ ହୋଟେଲ୍ ଏବଂ କ୍ଲବ୍‌ରେ ଆକର୍ଷଣୀୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରଙ୍ଗୀନ୍ ଆଲୋକ ସାଙ୍ଗକୁ ଆଧୁନିକ ଗୀତର ତାଳେ ତାଳେ ମତୁଆଲା ହୋଇ ଉଠିଥିଲେ ଯୁବଗୋଷ୍ଠୀ। ଭୋଜିଭାତର ଆସର ମଧ୍ୟ ଜମିଥିଲା।

## ଫୁଲତାରା ନେଲେ, କନା ବ୍ୟାଗ୍ ଦେଲେ

### ଭିନ୍ନ ଏକ ବାର୍ତ୍ତା ଦେଇ ନୂଆବର୍ଷ ପାଳିଲେ ପୂର୍ବତନ ମନ୍ତ୍ରୀ



ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସମର୍ଥକଙ୍କୁ କନା ବ୍ୟାଗ ବାଣ୍ଟୁଛନ୍ତି।

ଖଇରା,୧।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଭିନ୍ନ ଏକ ବାର୍ତ୍ତା ଦେଇ ଶୁଭେଚ୍ଛୁ ଓ ସମର୍ଥକଙ୍କ ଗହଣରେ ନୂଆବର୍ଷ ପାଳିଛନ୍ତି। ଉପହାରରେ ଫୁଲତୋଡା ନୁହେଁ ଫୁଲଚାରା ବ୍ୟବହାର ପାଇଁ ବହୁ ପୂର୍ବରୁ ବାର୍ତ୍ତା ଦେଇ ଆସିଥିବା ପାଣିଗ୍ରାହୀଙ୍କୁ ଗୁରୁବାର ସକାଳେ ଭେଟିବାକୁ ଆସୁଥିବା ଶୁଭେଚ୍ଛୁ ମାନଙ୍କଠାରୁ ଫୁଲଚାରା ଉପହାର ନେଇଥିଲେ। ସେହିଭଳି ପରିବେଶକୁ ଧ୍ୱଂସ କରୁଥିବା ପଲିଥିନର ବ୍ୟବହାରକୁ ନିଷିଦ୍ଧ କରିବାକୁ ସମର୍ଥକମାନଙ୍କୁ ପରାମର୍ଶ ଦେଇସାରି ଉପହାର ସ୍ୱରୂପ କନା ବ୍ୟାଗଟିଏ ପ୍ରଦାନ କରିଥିଲେ। କେବଳ ତାଙ୍କ ବାସଭବନ ନୁହେଁ ଖଇରା ବ୍ଲକର ଡୁଙ୍ଗୁରା, କୁପାରୀ, ଖଇରା ଓ ଗଣ୍ଡିବେଡ ବଜାର ଏବଂ ସିମୁଳିଆ ବ୍ଲକର ମାର୍କୋଣା ଛକ, ବାଲିଖଣ୍ଡ, ବରି ଓ ଅଡା ବଜାରରେ ସମର୍ଥକଙ୍କୁ ନୂତନ ବର୍ଷର ଶୁଭେଚ୍ଛା ବାର୍ତ୍ତା ପ୍ରଦାନ ଅବସରରେ ପଲିଥିନ ବ୍ୟବହାରକୁ ନେଇ ସଚେତନ କରିବା ସହ କନା ବ୍ୟାଗ ଧରି ବଜାର ଯିବାକୁ ପ୍ରବର୍ତ୍ତାଇ ବ୍ୟାଗ ବାଣ୍ଟିଥିଲେ। ଜଳବାୟୁ ପରିବର୍ତ୍ତନର କୁପରିଣାମ ସାରା ବିଶ୍ୱ ଭୋଗୁଥିବା ବେଳେ ପଲିଥିନ ପାଇଁ ବାୟୁ ମଣ୍ଡଳରେ ପ୍ରଦୁଷଣ ଅଧିକ ମାତ୍ରାରେ ବଢୁଥିବାରୁ ନୂଆବର୍ଷ ପାଳନ ଅବସରରେ ସମର୍ଥକଙ୍କୁ ସଚେତନ କରିବା ଏଭଳି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

# ୮ରୁ ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ

### ମନମୋହିବ ଫକ୍ ଡ୍ୟାନ୍ସ, ଗୋଟିପୁଅ ନୃତ୍ୟ

ବାଲେଶ୍ୱର,୧।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଚାନ୍ଦିପୁରଠାରେ ଆସନ୍ତା ୮ ତାରିଖରୁ ୨୬ତମ ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ ଆରମ୍ଭ ହେବ। ରାଜ୍ୟ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ମହୋତ୍ସବକୁ ଉଦ୍‌ଘାଟନ କରିବେ। ୪ ଦିନ ବ୍ୟାପୀ ଏହି ମହୋତ୍ସବର ପ୍ରତି ସନ୍ଧ୍ୟାରେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବଲିଉଡ, ଓଲିଉଡ଼ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ ଓ ସଂଗୀତ ପରିବେଷଣ ହେବ ବୋଲି କମିଟି ସଭାପତି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଉପ–ସଭାପତି ବିପ୍ଳବ କୁମାର ମହାନ୍ତି ଓ ସାଧାରଣ ସମ୍ପାଦକ ହରେକୃଷ୍ଣ ଦାଶ ପ୍ରମୁଖ ସୂଚନା ଦେଇଛନ୍ତି। ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ସରକାରୀ ଉପ–ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତଙ୍କ ସମେତ ବହୁ ରାଜନେତା, ଜିଲାପାଳ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ନେପାଳୀ ଫକ୍ ଡ୍ୟାନ୍ସ ସାଙ୍ଗକୁ ପୁରୀ ଜିଲାର ଗୋଟିପୁଅ ନୃତ୍ୟ, କୋଲକାତାର ପ୍ରସିଦ୍ଧ ଅର୍କେଷ୍ଟ୍ରା ମହୋତ୍ସବକୁ ଆକର୍ଷିତ କରିବ। ବାଲେଶ୍ୱର ସମେତ ସମଗ୍ର ଓଡ଼ିଶା ଏବଂ ଓଡ଼ିଶା ବାହାରର ଖ୍ୟାତନାମା କଳାକାର ଏଥିରେ ଅଂଶଗ୍ରହଣ କରିବେ। ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ ସାଙ୍ଗକୁ ମିଶନ୍ ଶକ୍ତି ଓ ସ୍ୱୟଂସହାୟିକା ଗୋଷ୍ଠୀର ଷ୍ଟଲ୍, କୁଟୀର ଶିଳ୍ପ ଓ ପ୍ରତିରକ୍ଷା ବିଭାଗର ଷ୍ଟଲ୍ ଏବଂ ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ଇତ୍ୟାଦି ସାମୁଦ୍ରିକ ଖାଦ୍ୟର ଷ୍ଟଲ୍ ଖୋଲାଯିବ। କମିଟିର ସ୍ମରଣିକା 'ସୁବର୍ଣ୍ଣକତା' ଉନ୍ମୋଚିତ ହେବ ବୋଲି କୁହାଯାଇଛି। ଅତିରିକ୍ତ ଜିଲାପାଳ ସୁଧାକର ନାୟକଙ୍କୁ ମହୋତ୍ସବର ନୋଡାଲ ଅଫିସର, କମିଟି ସଦସ୍ୟ ଡ. ଲକ୍ଷ୍ମୀ ନାରାୟଣ ମହାନ୍ତିଙ୍କୁ ଉପସଭାପତି ଓ ସମ୍ପାଦକ ଭାବେ ପ୍ରଶାନ୍ତ ମହାନ୍ତିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମିଟିର ଅତିରିକ୍ତ ସାଧାରଣ ସମ୍ପାଦକ ଭାବଗ୍ରାହୀ ମହାନ୍ତି, ସମ୍ପାଦକ ଭାଗବତ ସାହୁ, ସମରେନ୍ଦ୍ର ଦାଶ, କିଶୋର ଦାସ, ଡ. ଶ୍ରୀମାନ ଶ୍ରୀଚନ୍ଦନ, କୋଷାଧ୍ୟକ୍ଷ ମାଧବାନନ୍ଦ ମିଶ୍ର, ଗଙ୍ଗାଧର ରାଉତ, ଅମୃତାଂଶୁ ପଟ୍ଟନାୟକ ପ୍ରମୁଖ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ।






## ଶ୍ରଦ୍ଧାକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଭିଡ଼



ମନ୍ଦିରରେ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁ।

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)୧।୧

ଇଂଲିଶ ନବବର୍ଷ ଅବସରରେ ଗୁରୁବାର ବାଲିଆପାଳସ୍ଥିତ ଶ୍ରଦ୍ଧାକ୍ଷେତ୍ରେରେ ହଜାର ହଜାର ଭକ୍ତ ଜଗନ୍ନାଥଙ୍କ ଦର୍ଶନ କରିଛନ୍ତି। ଦିନ ତମାମ ବାଲିଆପାଳ ଜଗନ୍ନାଥ ମନ୍ଦିର ରାସ୍ତା ବାରମ୍ବାର ଜାମ ହେବାରୁ ରାସ୍ତାରେ ଯାତାୟାତ କରିବା ମୁସ୍କିଲ ହୋଇ ପଡ଼ିଥିଲା। ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଯେତିକି ଭିଡ଼ ପରିଲକ୍ଷିତ ହୋଇଥିଲା ସେହିପରି ପ୍ରସାଦ ପାଇଁ ବାଲିଆପାଳ ହନୁମାନ ମନ୍ଦିର ଓ ଜଗନ୍ନାଥ ମନ୍ଦିର ଏବଂ ବାଲିଆପାଳ ଇସ୍କନ ମନ୍ଦିରରେ ମଧ୍ୟ ପ୍ରବଳ ଭିଡ ହୋଇଥିଲା। ରାସ୍ତାରୁ ଭିଡ଼ ହଟାଇବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡିଥିଲା। ଜଗନ୍ନାଥ ମନ୍ଦିର ପରି ହନୁମାନ ମନ୍ଦିର, ଶନି ଦେବ ମନ୍ଦିର, ବାବା ଆଖଣ୍ଡଳମଣି ମନ୍ଦିର ପ୍ରଭୃତି ସ୍ଥାନରେ ମଧ୍ୟ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

## ମହିଳାଙ୍କ ମୃତଦେହ ଜବତ

ବାଲେଶ୍ୱର,୧।୧(ବାଞ୍ଛାନିଧି ଦେ)– ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ତେଲେଙ୍ଗାସାହି ନିକଟ ଓଭରବ୍ରିଜ ପାର୍ଶ୍ୱରୁ ପୋଲିସ ଗୁରୁବାର ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ମୃତ ମହିଳାଙ୍କ ପରିଚୟ ଜଣାପଡ଼ିନାହିଁ। ତାଙ୍କ ବୟସ ପ୍ରାୟ ୬୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧/୨୬) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟ ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି।

## ୩୫ କେଜି ଗଞ୍ଜେଇ ଜବତ

ବାଲେଶ୍ୱର,୧।୧(ବାଞ୍ଛାନିଧି ଦେ)– ବାଲେଶ୍ୱର ଜିଲା ଅବକାରୀ ଭ୍ରାମ୍ୟମାଣ ୟୁନିଟ୍ ପକ୍ଷରୁ ଗୁରୁବାର ୧୬ ନମ୍ବର ଜାତୀୟ ରାଜପଥର ଖନ୍ତାପଡ଼ା ଥାନା ଅଧୀନ ଶେରଗଡ଼ ଛକ ନିକଟରେ ଚଢ଼ାଉ କରାଯାଇଛି। ଏକ କାର ସହ ୩୫ କିଗ୍ରା ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତ ଫୁଲବାଣୀ ଅଞ୍ଚଳର ଅମରେଶ ସୁବୁଦ୍ଧିଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ବିଭାଗ ପକ୍ଷରୁ ଏକ ମାମଲା (ନଂ. ୩୭୪/୨୫–୨୬) ରୁଜୁ ହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ହରିହର ସିଂହ, ସବ ଇନ୍ସପେକ୍ଟର ଭବେଶ ଦାସ, ଏଏସ୍‌ଆଇ ଲମ୍ବୋଦର ମହାନ୍ତ, କନଷ୍ଟେବଲ ସୁନାରାମ ସୋରେନ ଓ ନୋହନ ମୁର୍ମୁ ପ୍ରମୁଖ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଜବତ ଗଞ୍ଜେଇର ମୂଲ୍ୟ ୩ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ବିଭାଗ ସୂଚନା ଦେଇଛି।

## ନୀଳଗିରିରେ କୁମ୍ଭୀର ଆତଙ୍କ

### ଆକ୍ରମଣରେ ଇଟାଭାଟି ଶ୍ରମିକ ଗୁରୁତର

ନୀଳଗିରି,୧।୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ କୁମ୍ଭୀର ଆତଙ୍କ ଦେଖାଦେଇଛି। ଆକ୍ରମଣରେ ଜଣେ ଅଣଓଡ଼ିଆ ଇଟାଭାଟି ଶ୍ରମିକ ଗୁରୁତର ହୋଇ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ, ନୀଳଗିରି ମିରିଗିଣି ନିକଟସ୍ଥ ଲକ୍ଷ୍ମୀ ଇଟାଭାଟିରେ ଝାଡ଼ଖଣ୍ଡ ରାଜ୍ୟ ବସନ୍ତରାୟ ଅଞ୍ଚଳର ପଞ୍ଚୁ ମାଝୀଙ୍କ ପୁଅ ମୁନା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ସକାଳ ୮ଟା ସମୟରେ ସେ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ହଠାତ୍ ଏକ କୁମ୍ଭୀର ତାଙ୍କ ବାମ ଗୋଡ଼କୁ କାମୁଡ଼ି ଦେଇଥିଲା। ପରେ ଅନ୍ୟଶ୍ରମିକମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଖବରପାଇ ନୀଳଗିରି ରେଞ୍ଜ ଅଧିକାରୀ ମନୱାର ଖାଁ ମେଡିକାଲରେ ପହଞ୍ଚି ମୁନାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

# ଆରମ୍ଭ ହେଲା ଭୋଗରାଇ ଉତ୍ସବ

ଭୋଗରାଇ,୧।୧(ପ୍ରଦୀପ ଦାସ)

ଭୋଗରାଇ ଥାନାଛକସ୍ଥିତ ହେଲିପ୍ୟାଡ୍ ପଡ଼ିଆରେ ଗୁରୁବାର ସନ୍ଧ୍ୟାରେ ୧୭ତମ ଭୋଗରାଇ ଉତ୍ସବ ଉଦ୍‌ଘାଟିତ ହୋଇଛି। ଡାକ, ଢୋଲ,ବିଭିନ୍ନ ବାଦ୍ୟ, ରୋଷଣୀ, ଛାତ୍ରୀ ଛାତ୍ରଙ୍କ ନୃତ୍ୟ ଗୀତରେ ଉତ୍ସବ ପରିସର ଦୁଲୁକୁଛି। ମୁଖ୍ୟଅତିଥି ଭାବେ ଭୋଗରାଇ ଆରଆଇଏଚଏସ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ମିଶ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମଞ୍ଚ ଆହ୍ୱାନ କରିଥିଲେ ବ୍ୟଙ୍ଗକବି ଡ.ଶ୍ରୀକୁମାର ଘୋଷ। ଉତ୍ସବ କମିଟିର ସଭାପତି ପ୍ରମଥ ମାହାନ୍ତି ପୌରହିତ୍ୟ କରିଥିଲେ। ମଙ୍ଗଳାଚରଣ ପାଠ କରିଥିଲେ ଉତ୍ସବ କମିଟିର ବରିଷ୍ଠ ସଦସ୍ୟ ଭୁଗୁରାମ କର। ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ ଉତ୍ସବ କମିଟିର ସାଧାରଣ ସମ୍ପାଦକ ସୁନୀଲ କୁମାର କର। ମୁଖ୍ୟ ବକ୍ତା ଭାବେ ଫକୀରମୋହନ ମେଡିକାଲ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ଗିରି, ସମ୍ମାନିତ ଅତିଥି ଭାବେ ଖବରଦାତା ପ୍ରଦୀପ ଦାସ ଯୋଗଦେଇ ଉତ୍ସବ ସାଂସ୍କୃତିକ ଚେତନାକୁ ଋଦ୍ଧିମନ୍ତ କରେ ବୋଲି କହିଥିଲେ। ଯଜ୍ଞେଶ୍ୱର ପାତ୍ର ଧନ୍ୟବାଦ ଦେଇଥିଲେ। ପରେ ଖ୍ୟାତନାମା କଳାକାରମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ କରାଯାଇଥିଲା। ଖ୍ୟାତନାମା ନୃତ୍ୟାଙ୍ଗନା, ସଙ୍ଗୀତ କଣ୍ଠଶିଳ୍ପୀ, ଛାତ୍ରୀଛାତ୍ର, ଯୁବତୀ ଯୁବକମାନଙ୍କର ସଂଗୀତର ମୂର୍ଚ୍ଛନାରେ ଭୋଗରାଇ ଉତ୍ସବ ଗଣପର୍ବରେ ପରିଣତ ହେବ ବୋଲି ଉତ୍ସବ କମିଟିର ଉପସଭାପତି ଆଶିଷ କୁମାର ମାହାନ୍ତି, ସନ୍ତୋଷ କୁମାର ଜେନା, ଅଂଶୁମାନ ମହାନ୍ତି,ବରେନ୍ଦ୍ର ପାତ୍ର, ଗୋପବନ୍ଧୁ ମହାପାତ୍ର, ସୁମନ୍ତ ବେହେରା,ରାଜକୁମାର ଦାସ, ଅମଳେନ୍ଦୁ ଦାସ, ମମତା ସାହୁ, ପ୍ରଦୀପ ନାୟକ ସଞ୍ଜୀବ କୁମାର ସାହୁ , ଦୀପେଶ ଚନ୍ଦ୍ର ରାୟ, ପରିମଳ ମହାନ୍ତି, ରଘୁନାଥ ମହାନ୍ତି, ରମାକାନ୍ତ କରଣ ସରସ୍ୱତୀ କରଣ ପ୍ରମୁଖ ସୂଚନା ଦେଇଛନ୍ତି।


DSPL-450

**ଜାତୀୟ ସଡ଼କ ସୁରକ୍ଷା ମାସ- ୨୦୨୬ ଅବସରରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀଙ୍କ ବାର୍ତ୍ତା**

ଜାନୁୟାରୀ ମାସକୁ 'ଜାତୀୟ ସଡ଼କ ସୁରକ୍ଷା ମାସ' ଭାବରେ ପାଳନ କରାଯାଉଅଛି । ଚଳିତ ବର୍ଷର ଆହ୍ୱାନ - "ଶିକ୍ଷାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ" । ଦେଶରେ ତଥା ଆମ ରାଜ୍ୟରେ ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁ ସଂଖ୍ୟା ଏକ ଚିନ୍ତାର ବିଷୟ ତଥା ଉଦବେଗଜନକ । ସଂପ୍ରତି ସ୍ଥିତିରେ ସୁଧାର ଆଣିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମେ ସଂକଳ୍ପବଦ୍ଧ । ବିଭିନ୍ନ ପଦକ୍ଷେପ ସହ ଛଅଟି 'ଇ' Education, Enforcement, Engineering, Emergency Care, Empathy ଓ Environment ଆଧାରରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମକୁ ବ୍ୟାପକ କରିଛୁ । ଏଥିନିମନ୍ତେ ସାମୂହିକ ଭାଗିଦାରୀର ଆବଶ୍ୟକତା ରହିଛି ।

ଗ୍ରାମାଞ୍ଚଳରେ ସଡ଼କ ଦୁର୍ଘଟଣା ମୃତକଙ୍କ ମଧ୍ୟରେ ଅଧିକାଂଶ ଦୁଇଚକିଆ ବ୍ୟବହାରକାରୀ ରହୁଛନ୍ତି । ଏହି ଆହ୍ୱାନର ମୁକାବିଲା ପାଇଁ ଦୁଇ ଚକିଆ ଯାନରେ ଗଲେ ହେଲମେଟ୍ ପିନ୍ଧିବା, ଚାରିଚକିଆ ଯାନରେ ଗଲେ ସିଟବେଲ୍ଟ ପିନ୍ଧିବା, ଦ୍ରୁତଗତି କିମ୍ବା ନିଶା ସେବନ କରି ଗାଡ଼ି ଚଲାଇବା ନାହିଁ, ଗାଡ଼ି ଚଲାଇବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ନାହିଁ । ସେହିଭଳି ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା କରିବାରେ ଆଦୌ ପଛାଇବା ନାହିଁ ।

ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ଗୁଡ୍ ସମରିଟାନ୍ ଯୋଜନାରେ ସମ୍ମାନ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । କେନ୍ଦ୍ର ସରକାର ରାହା-ବୀର୍ ଯୋଜନାରେ ଜୀବନ ରକ୍ଷାର ଏହି ଅଭିଯାନକୁ ବ୍ୟାପକ କରିଛନ୍ତି । 'କ୍ୟାଶଲେସ୍ ଟ୍ରିଟମେଣ୍ଟ ଫର୍ ରୋଡ୍ ଆକ୍ସିଡେଣ୍ଟ ଭିକ୍ଟିମ୍' ବ୍ୟବସ୍ଥାରେ ସମସ୍ତ ସରକାରୀ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ସଂପୂର୍ଣ୍ଣ ନିଃଶୁଳ୍କରେ ଚିକିତ୍ସା ଯୋଗାଇ ଦିଆଯାଉଥିବା ବେଳେ ଅନୁବନ୍ଧିତ ଘରୋଇ ଡାକ୍ତରଖାନାରେ ପ୍ରଥମ ସାତ ଦିନରେ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବାର ଯୋଜନା ହୋଇଛି ।

ସରକାରଙ୍କ ଲକ୍ଷ୍ୟ ହେଉଛି, ଅକାଳରେ ଝଡ଼ିଯାଉଥିବା ଜୀବନକୁ ରକ୍ଷା କରିବା । ଆପଣ ମଧ୍ୟ ଏହି ଅଭିଯାନରେ ସାମିଲ ହୁଅନ୍ତୁ । ସଡ଼କ ସୁରକ୍ଷା ନିୟମ ପାଳନ କରନ୍ତୁ ଓ ସଡ଼କ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ ।

ଶ୍ରୀ ବିଭୂତି ଭୂଷଣ ଜେନା
ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି

OIPR-

ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

## କେନାଲ ହୁଡ଼ାରୁ ଗଛ କାଟିନେଲେ

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ପାଟଣା ସେକ୍ସନ ଦହିବହାଳି ଦେଇ ଯାଇଥିବା ମାଧାପୁର ଡ୍ୟାମ୍ କେନାଲ ହୁଡ଼ାରୁ ଗୁରୁବାର କାଠ ମାଫିଆ ଆକାଶିଆ ଓ ୟୁକାଲି ପଟାସ ଗଛ କାଟି ନେଇଛନ୍ତି। ଗଛ କାଟିବା ଫଳରେ କେନାଲ ହୁଡ଼ା ଦୁର୍ବଳ ହେବା ସହ ଘାଇ ସୃଷ୍ଟି ହେବା ଆଶଙ୍କା ଉପୁଜିଛି।

**କେନ୍ଦୁଝର**

# ମା' ତାରିଣୀଙ୍କୁ ଦର୍ଶନକଲେ ୫ ଲକ୍ଷ ଭକ୍ତ

ଘଟଗାଁ,୧।୧(ରାଜେନ୍ଦ୍ର କୁମାର ପଟ୍ଟନାୟକ)


ମା' ତାରିଣୀଙ୍କ ଦର୍ଶନ ନିମନ୍ତେ ଅପେକ୍ଷାରତ ଭକ୍ତ।

ନବ ବର୍ଷରେ କେନ୍ଦୁଝର ଜିଲାର ଅଧିଷ୍ଠାତ୍ରୀ ଦେବୀ ଘଟଗାଁବାସିନୀ ମା' ତାରିଣୀ ପୀଠରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଭୋର ୫ ଟାରେ ମୁଖ୍ୟ ଫାଟକ ଖୋଲିବା ପରେ ଅପେକ୍ଷାରତ ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିଥିଲେ। ପ୍ରବଳ କୁହୁଡି ସତ୍ତ୍ୱେ ଶ୍ରଦ୍ଧାଳୁ ସକାଳୁ ଲମ୍ବା ଲାଇନ୍‌ରେ ଯାଇ ଦର୍ଶନ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଭୋର ୪ଟାରୁ ବରିଷ୍ଠ ପୂଜକ ଶ୍ୟାମ ସୁନ୍ଦର ଦେହୁରୀ, ପ୍ରଦୀପ ଦେହୁରୀ, ଯଯାତି ଦେହୁରୀ, ନଟବର ଦେହୁରୀ, ରବି ନାରାୟଣ ଦେହୁରୀ, ସଦାନନ୍ଦ ଦେହୁରୀ, ପର୍ଶୁରାମ ଦେହୁରୀ ମା'ଙ୍କ ମାର୍ଜନା, ବଡ଼ ସିଂହାର ବେଶ, ମଙ୍ଗଳ ଆଳତୀ, ସହ ପାରମ୍ପରିକ ପୂଜା କରିବା ପରେ ମା'ଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଶୃଙ୍ଖଳା ଦର୍ଶନ ପାଇଁ ମନ୍ଦିର ସମ୍ମୁଖରେ ଭୋଗ ଲଗାଇବା ପାଇଁ ୫ ଟି ବାରିକେଟ୍ ବ୍ୟବସ୍ଥା ହୋଇଥିବା ବେଳେ ୨ଟିରେ ସାଧାରଣ ଭକ୍ତ ଦର୍ଶନ ପାଇଁ ବ୍ୟବସ୍ଥା ହୋଇଥିଲା। ଶ୍ରଦ୍ଧାଳୁଙ୍କ ୧୦୮ ମାନସିକ ନଡ଼ିଆ ଦୁଆରସୁଣୀ ମନ୍ଦିରରେ ପୂଜା ପାଇଁ ବ୍ୟବସ୍ଥା ହୋଇଥିଲା। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଲକ୍ଷ ରଖି ପହଡ଼ ପଡିବା ବ୍ୟବସ୍ଥାକୁ କୋହଳ କରାଯାଇଥିଲା। ମନ୍ଦିର ପରିସରରେ ଦିନତମାମ ଗହଳି ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟା ଆଳତି ଦେଖିବା ପାଇଁ ମଧ୍ୟ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରସ୍ଥାନ ଦ୍ୱାର ଦେଇ ଭକ୍ତ ବାହାରିବା ସମୟରେ ସମସ୍ତ ଭକ୍ତଙ୍କୁ ନଡ଼ିଆ ଲଡ୍ଡୁ, ମାଗଣା ପ୍ରସାଦ ବଣ୍ଟନ କରାଯାଇଥିଲା। ଭକ୍ତଙ୍କୁ ଲକ୍ଷ ରଖି ଆନନ୍ଦପୁର ପଟୁ ଆସୁଥିବା ଯାନବାହାନ ଶାଳବଣ ଜଙ୍ଗଲରେ, କେନ୍ଦୁଝର ପଟୁ ଆସୁଥିବା ଗାଡିଗୁଡ଼ିକ ହାଇସ୍କୁଲ ପଡ଼ିଆ, ହରିଚନ୍ଦନପୁର ପଟୁ ଆସୁଥିବା ସମସ୍ତ ଗାଡ଼ି ମିନି ଷ୍ଟାଡ଼ିୟମ ପଡ଼ିଆରେ ରଖିବା ବ୍ୟବସ୍ଥା ହୋଇଥିଲା। ମନ୍ଦିରକୁ ଆସିବାକୁ ପାର୍କିଂସ୍ଥଳରୁ ମନ୍ଦିର ପ୍ରଶାସନ ତରଫରୁ ମାଗଣା ବସସେବା ବ୍ୟବସ୍ଥା ହୋଇଥିଲା। ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ଥାନା ଅଧିକାରୀ ଶୁଭ୍ରାନ୍ତ ଜେନା, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ସଙ୍ଗୀବ ମହାପାତ୍ର, ସମ୍ବଲପୁର ଡିଭିଜିନାଲ ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି, ଦେବୋତର ନିରୀକ୍ଷକ ତ୍ରିଲୋଚନ ନାୟକ ପ୍ରମୁଖ ଉପସ୍ଥିତ ରହି ଭକ୍ତଙ୍କୁ ସହଯୋଗ କରିଥିଲେ।

# କୋଟିପତି ପିଇଓ ଗିରଫ

କେନ୍ଦୁଝର,୧।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା ଭିଜିଲାନ୍ସ ବିଭାଗ କେନ୍ଦୁଝରର ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ବାଞ୍ଚୋର ପିଇଓ ଜିତେନ୍ଦ୍ର ଜେନାଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ରଖିବା ଅଭିଯୋଗରେ ଗୁରୁବାର ଗିରଫ କରିଛି। ୧୩୯ ପ୍ରତିଶତ ଆୟ ବହିର୍ଭୂତ ସମ୍ପତ୍ତି ଥିବା ଆକଳନ କରିଛି। ଏ ନେଇ ଏକ ପ୍ରେସ୍ ବିଜ୍ଞପ୍ତିରେ ଭିଜିଲାନ୍ସ ବିଭାଗ ସୂଚନା ଦେଇଛି।

ସୂଚନା ମୁତାବକ, ତାଙ୍କ ନାମରେ ଉକ୍ତ ବ୍ଲକ୍‌ର ବିରଞ୍ଚିପୁର୍ ଗ୍ରାମରେ ଏକ ୩ ମହଲା କୋଠା, ବସନ୍ତିଆ ମୌଜାରେ ୨ ମହଲା ମାର୍କେଟ କମ୍ପ୍ଲେକ୍ସ ଯାହାର ମୂଲ୍ୟ ୧.୩୪ କୋଟି, ଚାଣ୍ଡିଆ, ବିରଞ୍ଚିପୁର, ହାଟଡ଼ିହୀ, ବାସନ୍ତିଆ ବଜାରରେ ୬ଟି ପ୍ଲଟ୍, ପ୍ରାୟ ୧୦୦ ଗ୍ରାମ ସୁନା ଅଳଙ୍କାର, ୩୩.୦୧ ଲକ୍ଷ ଟଙ୍କା ମୂଲ୍ୟର ବ୍ୟାଙ୍କ ଓ ବୀମା ଜମା ଏବଂ ଏକ ୪ ଚକିଆ ଯାନ, ୪ ଲକ୍ଷ ଟଙ୍କା ମୂଲ୍ୟର ଆସବାବପତ୍ର ରହିଛି। ଏଥିସହିତ ତାଙ୍କ ପତ୍ନୀଙ୍କ ନାମରେ ପଞ୍ଜୀକୃତ ୨ଟି ଗୋଦାମ ଏବଂ ସରସ୍ୱତୀ ସେଲ୍ସ ନାମକ ଏକ ଇଲେକ୍ଟ୍ରୋନିକ୍ସ ଦୋକାନ ମଧ ଠାବ କରାଯାଇଛି। ପଚରାଉଚରା ସମୟରେ ସମ୍ପତ୍ତିର ଉତ୍ସ ବିଷୟରେ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବାରୁ ତାଙ୍କୁ ଗିରଫ କରାଯାଇଥିଲା। କେନ୍ଦୁଝରର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଡିଏସ୍‌ପି ଏବଂ ଇନ୍ସପେକ୍ଟରଙ୍କୁ ନେଇ ଗଠିତ ଦଳ ୬ଟି ସ୍ଥାନରେ ଚଢ଼ାଉ କରିଥିଲା। ସେ ଗତ ୩ ଦଶନ୍ଧି ଧରି କେନ୍ଦୁଝରର ହାଟଡ଼ିହୀ ବ୍ଲକ୍‌ରେ କାର୍ଯ୍ୟ କରୁଛନ୍ତି। ୧୨ ଅଗଷ୍ଟ ୧୯୯୫ରେ ହଦଗଡ଼ ଜିପିରେ ସଚିବ ଭାବରେ ଯୋଗ ଦେଇଥିଲେ। ୨୦୦୯ରେ ପିଇଓ ଭାବେ ପଦୋନ୍ନତି ହୋଇଥିଲେ। ହାଟଡ଼ିହୀ ବ୍ଲକ୍‌ର ସମାନା, ଢେଙ୍କା, କେ ବାଲିପାଳ, ବାଞ୍ଚୋ ଜିପିରେ ପିଇଓ ଭାବରେ ନିଯୁକ୍ତି ପାଇଥିଲେ।

# ଘନ କୁହୁଡ଼ିରେ ନୂତନ ବର୍ଷକୁ ସ୍ୱାଗତ


କେନ୍ଦୁଝର ସହରରେ ଗୁରୁବାର ସକାଳେ ପଡ଼ିଥିବା ଘନ କୁହୁଡ଼ି।

କେନ୍ଦୁଝର,୧।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଚଳିତ ବର୍ଷ କେନ୍ଦୁଝରବାସୀ ପୁରୁଣା ବର୍ଷକୁ ବିଦାୟ ଓ ନବ ବର୍ଷକୁ ସ୍ୱାଗତ କୁହୁଡ଼ିଆ ପରିବେଶରେ କରିଛନ୍ତି। ଦୁଇ ଦିନ ହେଲା ଘନ କୁହୁଡି ଯୋଗୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଯାତାୟାତ ବ୍ୟାଘାତ ହୋଇଥିଲା। କୁହୁଡ଼ି ଯୋଗୁ ଦେବଦେବୀ ଓ ପର୍ଯ୍ୟଟନସ୍ଥଳରେ ପୂର୍ବାହ୍ନ ୧୦ଟା ପରେ ଭିଡ଼ ହୋଇଥିଲା।

ପାହାଡ ଓ ଜଙ୍ଗଲ ପରିବେଷ୍ଟିତ କେନ୍ଦୁଝରରେ ଶିମ୍‌ଲା, ଦାର୍ଜିଲିଂ ହିଲ ଷ୍ଟେସନ ଭଳି ଅନୁଭୂତି ମିଳିଥିବା ପର୍ଯ୍ୟଟକ ବର୍ଣ୍ଣନା କରିଛନ୍ତି। କୁହୁଡି ସାଙ୍ଗକୁ ଶୀତର ପ୍ରକୋପ ବଢ଼ିଥିବାରୁ ରାସ୍ତାଘାଟରେ ଯାତାୟାତ କମଥିଲା। କେନ୍ଦୁଝରର ଆରାଧ ଘଟଗାଁ ମା' ତାରିଣୀ ପୀଠ, ବଡ଼ଠାକୁର ଆରାଧ୍ୟ ଶ୍ରୀବଳଦେବଜୀଉ ମନ୍ଦିର ସମେତ ସମସ୍ତ ଦେବଦେବୀ ପୀଠରେ ଭକ୍ତଙ୍କ ଭିଡ ଜମିଥିଲା। ମନ୍ଦିର କମିଟି ଓ ସ୍ଥାନୀୟ ପ୍ରଶାସନଙ୍କ ମିଳିତ ସହଯୋଗରେ ଭକ୍ତଙ୍କ ଶାନ୍ତିପୂର୍ଣ୍ଣ ଦର୍ଶନ ଓ ପୂଜାର୍ଚ୍ଚନା ସମ୍ପାଦିତ ହୋଇଥିଲା। ସେହିପରି ସାନଘାଗରା, ବଡ଼ଘାଗରା, ଖଣ୍ଡାଧାର, ହାଣ୍ଡିଭଙ୍ଗା, ଭୀମକୁଣ୍ଡ ଆଦି ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ପର୍ଯ୍ୟଟନ କେନ୍ଦ୍ର ୨ ଦିନ ହେଲା ଉତ୍ସବ ମୁଖର ହୋଇପଡ଼ିଛି। ପୁରୁଣା ବର୍ଷକୁ ବିଦାୟ ଓ ନବ ବର୍ଷକୁ ସ୍ୱାଗତ କରିବାକୁ ପର୍ଯ୍ୟଟକଙ୍କ ଭିଡ ଜମୁଛି। ବିଭିନ୍ନ ସ୍ଥାନରେ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଟକଣା, ମଦ୍ୟପାନ ଉପରେ ଅଂକୁଶ ଲଗାଯାଇଛି।

# ଚା'ରେ ନବବର୍ଷକୁ ସ୍ୱାଗତ



ଗ୍ରାହକଙ୍କୁ ମାଗଣା ଚା' ପ୍ରଦାନ କରୁଛନ୍ତି ବିଡିଓ।

ଚମ୍ପୁଆ,୧।୧(ମହେଶ୍ୱର ଦାସ): ନବବର୍ଷକୁ ସ୍ୱାଗତ ପାଇଁ ଭୋଜିଭାତର ଆସର ଜମୁଛି। ଅନେକେ ବିଭିନ୍ନ ମନ୍ଦିରରେ ପୂଜାଅର୍ଚ୍ଚନା କରି ନବବର୍ଷର ପ୍ରଥମ ଦିନକୁ ଭକ୍ତି ଓ ଶ୍ରଦ୍ଧାର ସହ ପାଳନ କରିଛନ୍ତି। ମାତ୍ର ଜଣେ ଚା' ଦୋକାନୀ ଦିନଟିକୁ ସର୍ବସାଧାରଣଙ୍କ ନିମନ୍ତେ ଉତ୍ସର୍ଗ କରି ନିଜ ଦୋକାନକୁ ଗୋଟିଏ ଦିନ ପାଇଁ ଦେୟମୁକ୍ତ କରିଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ସଦର ମହକୁମାରେ। ଚମ୍ପୁଆ ବସ୍‌ଷ୍ଟାଣ୍ଡ ନିକଟରେ ଚା' ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ବିଡିଓ ନାଏକ ନବବର୍ଷ ଉପଲକ୍ଷେ ଦୋକାନରେ ଚା' ଦେୟମୁକ୍ତ କରିଥିଲେ। ଦିନକରେ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଚା' ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ଗ୍ରାହାକଙ୍କ ମୁହଁରେ ହସ ହିଁ ତାଙ୍କ ରୋଜଗାର ବୋଲି ବିଡିଓ କହିଛନ୍ତି।

# ଟ୍ରାକ୍ଟର ଧକ୍କାରେ ଅଙ୍ଗନୱାଡି କର୍ମୀ, ଶିକ୍ଷକ ଗୁରୁତର

ବଡଳା,୧।୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବିଦ୍ୟାଧରପୁର ଅଙ୍ଗନୱାଡି-୨ର ଅଙ୍ଗନୱାଡି କର୍ମୀ ବାସନ୍ତୀଲତା ଶତପଥି, ବାଲିବରେଇ ଏମ୍‌ଇ ସ୍କୁଲର ଶିକ୍ଷକ କୈଳାଶ ପ୍ରଧାନ ଟ୍ରାକ୍ଟର ଧକ୍କାରେ ଗୁରୁତର ହୋଇଛନ୍ତି। ଉଭୟ ବୁଧବାର ଗୋଟିଏ ବାଇକରେ ସରକାରୀ କାଗଜ ପତ୍ର ଜମା କରିବାକୁ ବ୍ଲକ୍ କାର୍ଯ୍ୟାଳୟକୁ ଆସୁଥିଲେ। ତେନ୍ତୁଳିନଣ୍ଡା ଗ୍ରାମ ନିକଟରେ ଏକ ଟ୍ରାକ୍ଟର ସହିତ ବାଇକ୍ ଧକ୍କା ହୋଇଥିଲା। ଉଭୟ ଛିଟିକି ପଡ଼ିଥିବା ବେଳେ ବାସନ୍ତୀଙ୍କ ଗୋଡ଼ ଭାଙ୍ଗି ଯିବା ସହ ଆଣ୍ଠୁ ଓ ମୁଣ୍ଡରେ ଗଭୀର ଆହତ ଲାଗିଛି। ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। କୈଳାଶ ପ୍ରଧାନ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ଅଙ୍ଗନୱାଡିସଂଘର କର୍ମକର୍ତ୍ତା ସିଡିପିଓଙ୍କ ନିକଟରେ ପହଞ୍ଚି ତାଙ୍କୁ ସରକାରୀ ସହାୟତା ଓ ଅନ୍ୟାନ୍ୟ ସୁବିଧା ଯୋଗାଇଦେବାକୁ ଦାବି କରିଛନ୍ତି। ସିଡିପିଓ ଉମାମଣି ମହାପାତ୍ର କହିଛନ୍ତି, ଏ ସମ୍ପର୍କରେ ବିଡିଓଙ୍କ ସହ ଆଲୋଚନା କରି କଣ ସାହାର୍ଯ୍ୟ କରାଯାଇପାରିବ କରାଯିବ ବୋଲି କହିଥିଲେ।




# ଉତ୍କଳ ଭୂଷଣ ଉପେନ୍ଦ୍ର ପ୍ରସାଦଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ


କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି ଅନନ୍ତ ନାୟକ ଓ ଅନ୍ୟମାନେ।

ଢେଙ୍କିକୋଟ,୧।୧(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍‌ସ୍ଥିତ ସ୍ୱାଗତ ଫାଉଣ୍ଡେଶନ ସଭାକକ୍ଷରେ ଗୁରୁବାର ସନ୍ଧ୍ୟା ୬ଟାରେ ଉତ୍କଳ ଭୂଷଣ ରାୟ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ୯୧ତମ ରାଜ୍ୟସ୍ତରୀୟ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି। ସଭାରେ କାଳାନ୍ତରର ମୁଖ୍ୟ ସମ୍ପାଦକ ସୌମ୍ୟକାନ୍ତ ସାମନ୍ତରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଅନନ୍ତ ନାୟକ, ମୁଖ୍ୟ ବକ୍ତାଭାବେ ଉତ୍ତର ଓଡିଶା ସାହିତ୍ୟ ସଂସ୍କୃତି ସମ୍ମିଳନୀର ସାଧାରଣ ସମ୍ପାଦକ ଡ. ଭାଗବତ ଲେଙ୍କା, ସମ୍ମାନିତ ଅତିଥିଭାବେ ରାଜ୍ୟ ଭାଜବା ସାଧାରଣ ସମ୍ପାଦିକା ମମତା ସିଂହ, ପାଟଣା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାସ ଯୋଗଦେଇ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକ ଏକାଧାରରେ ଜଣେ ସୁଲେଖକ, କବି ଏବଂ ବକ୍ତା ଥିଲେ। ସେ ରାଜ୍ୟ ସରକାରଙ୍କ ତରଫରୁ ସଂସ୍କୃତି ସାରଥୀ, ଉତ୍କଳ ଭୂଷଣ ଉପାଧି ପାଇଥିବା ସମ୍ପର୍କରେ ଅତିଥିମାନେ ଉଲ୍ଲେଖନୀୟ ଗୁଣ ଗାରିମା ଉପରେ ଅଭିଭାଷଣ ମାଧ୍ୟମରେ କହିଥିଲେ। ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମିଳନୀର ସଭାପତି ନୃସିଂହ ନାଥ ସିଂହ ସଭା ପରିଚାଳନା କରିଥିଲେ। ଢେଙ୍କିକୋଟ୍‌ରେ ଜଣେ ମହାନ ବ୍ୟକ୍ତିତ୍ୱଙ୍କ ରାଜ୍ୟସ୍ତରୀୟ ଜନ୍ମ ଜୟନ୍ତୀ ପାଳନକୁ ଭାଜପା ରାଜ୍ୟ ସମ୍ପାଦିକା ମମତା ସିଂହ ପ୍ରସଂଶା କରିଥିଲେ।

# ମିରିଗିସିଙ୍ଗା ପିକ୍‌ନିକ୍ ସ୍ପଟ୍‌ରେ ୨୧ହାତୀ

## ଛତ୍ରଭଙ୍ଗ ଦେଲେ ଲୋକେ

ଯୋଡ଼ା,୧।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବୈତରଣୀ ନଦୀ କୂଳରେ ଥିବା ମିରିଗିସିଙ୍ଗା ପିକ୍‌ନିକ୍ ସ୍ପଟ୍ ନିକଟରେ ଗୁରୁବାର ୨୧ ହାତୀର ଚଳପ୍ରଚଳ କରୁଥିଲେ। ଫଳରେ ନୂଆବର୍ଷ ଉପଲକ୍ଷେ ବଣଭୋଜି କରୁଥିବା ଲୋକେ ଭୟରେ ଛତ୍ରଭଙ୍ଗ ଦେଇଥିଲେ। ପିକ୍‌ନିକ୍ କରିବା ପାଇଁ ଆସିଥିବା ଚନ୍ଦ୍ରସେନ ମହାନ୍ତ, ରାମରାୟ ସୋରେନ କହିଛନ୍ତି, ହାତୀ ଥିବା ସମ୍ପର୍କିତ ଖବର ନିକଟସ୍ଥ ଦାମପୁର ଗ୍ରାମବାସୀ କହିବା ପରେ ଭୟ ଲାଗିଥିଲା। ସୂର୍ଯ୍ୟାସ୍ତ ହେବା ପୂର୍ବରୁ ଭୋଜି ଖାଇ ସେଠାରୁ ଯଥାଶୀଘ୍ର ଚାଲିଯିବେ ବୋଲି ସେମାନେ କହିଥିଲେ। ସେହିପରି ବାଇକ୍‌ରେ ଆସିଥିବା କିଛି ଯୁବଗୋଷ୍ଠୀ ସେଠାରୁ ହାତୀ ଆସିଥିବା ଖବର ଶୁଣି ଭୟରେ ଜିନିଷ ପତ୍ର ଧରି ବଣଭୋଜି ନ କରି ସେଠାରୁ ଚାଲିଯାଇଥିଲେ। ବିଲେଇପଦା ଫରେଷ୍ଟର ମୋହିନୀ ମହାନ୍ତ କହିଛନ୍ତି, ଗୋଟିଏ ହାତୀ ଦାମପୁରରେ ଥିବା ବେଳେ ଚମ୍ପୁଆ ରେଞ୍ଜର ମିରିଗିସିଙ୍ଗା ବୈତରଣୀ ନଦୀର ଅପରପାର୍ଶ୍ୱରେ ୨୦ଟି ହାତୀ ଅଛନ୍ତି। ଗଜସାଥି ଓ ବନ କର୍ମଚାରୀ ହାତୀର ଗତିବିଧି ଉପରେ ଦୃଷ୍ଟି ରଖିଛନ୍ତି। ବନପାଳ ମୋହିନୀ ମହାନ୍ତ କହିଛନ୍ତି, ଡାକବାଜି ଯନ୍ତ୍ର ଜରିଆରେ ମିରିଗିସିଙ୍ଗା ପିକ୍‌ନିକ୍ ସ୍ପଟରେ ହାତୀ ଉପସ୍ଥିତିକୁ ନେଇ ସୁରକ୍ଷିତ ଓ ସତର୍କ ରହିବାକୁ ସୂଚନା ଦିଆଯାଉଛି। ଡିଏଫଓ ଧନରାଜ ଏଚ୍‌ଡି କହିଛନ୍ତି, ହାତୀ ପାଇଁ ପିକନିକ୍ ସ୍ପଟରେ ଭୋଜିଭାତ ବନ୍ଦ କରିବା ନେଇ ବିଚାର କରାଯାଉଛି।



# ମୁର୍ଗାମହାଦେବ ପୀଠରେ ଜନସମାଗମ



ଯୋଡ଼ା,୧।୧(ମାନସ ମହାନ୍ତି)

ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ରେ ଅବସ୍ଥିତ ମୁର୍ଗା ଗ୍ରାମର ପ୍ରସିଦ୍ଧ ଧବଳେଶ୍ୱର ମହାଦେବ ମନ୍ଦିରରେ ନୂତନ ବର୍ଷ ଅବସରରେ ପ୍ରବଳ ଜନସମାଗମ ହୋଇଥିଲା। ଶାନ୍ତ ପରିବେଶ, ଜଳ ପ୍ରପାତ, ସବୁଜ ବନାନୀକୁ ଦେଖିବା ପାଇଁ ବିଭିନ୍ନ ଜିଲା ସମେତ ପଡ଼ୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ଆନ୍ଧ୍ରପ୍ରଦେଶରୁ ପର୍ଯ୍ୟଟକ ଆସିଥିଲେ।

ପଶ୍ଚିମବଙ୍ଗରୁ ଆସିଥିବା ପର୍ଯ୍ୟଟକ ପୂଜା ପରମାଣିକ, ଦୀପା ଗାଙ୍ଗୁଲି, କବିତା ସେନ୍, ସୌରଭ ପାଲ, ଝାଡ଼ଖଣ୍ଡରୁ ଆସିଥିବା ବିଜେନ୍ଦ୍ର କୁମାର, ରାଜେଶ ଗୁପ୍ତା, ଛତିଶଗଡ଼ରୁ ଆସିଥିବା ସାହେଲୀ ବର୍ମା, ପୁରନ୍ଦର ବର୍ମା, ଆନ୍ଧ୍ର ପ୍ରଦେଶରୁ ଆସିଥିବା ଶ୍ରୀକୁମାର ରେଡ୍ଡି, ବିବି ରେଡ୍ଡି ପ୍ରମୁଖ କହିଥିଲେ, ଜଳ ପ୍ରପାତ ମଧ୍ୟରେ ମହାଦେବଙ୍କ ବାସସ୍ଥଳୀ ଅତି ସୌନ୍ଦର୍ଯ୍ୟମୟ, ମହାଦେବଙ୍କ ଦର୍ଶନ କରି ନିଜକୁ ଧନ୍ୟମନେ କରୁଥିବା କହିଥିଲେ। ଯେହେତୁ ଏହି ସ୍ଥାନରେ ମହାଦେବ ସ୍ୱୟଂ ଆବିର୍ଭାବ। ଏଠାରେ ଦର୍ଶନ ମାତ୍ରେ ମନସ୍କାମନା ପୂରଣ ହୁଏ ବୋଲି ପର୍ଯ୍ୟଟକଙ୍କ ବିଶ୍ୱାସ ରହିଛି। ପ୍ରଥା ଅନୁଯାୟୀ ଏହି ମନ୍ଦିରରେ ଭୂୟାଁ ସମ୍ପ୍ରଦାୟର ପୂଜକମାନେ ପୂଜା ଅର୍ଚ୍ଚନା କରି ଆସୁଛନ୍ତି। ଏଠାରେ ଏକ ଅଗ୍ନିଧୂନୀ ଦୀର୍ଘ ବର୍ଷରୁ ଜଳି ଆସୁଛି। ଶୈବପୀଠ ସହିତ ଜାତୀୟ ରାଜପଥ ବିଲେଇପଦାଠାରୁ ଝାଡ଼ଖଣ୍ଡ ରାଜ୍ୟର ନୂଆଁମୁଣ୍ଡି ପର୍ଯ୍ୟନ୍ତ ରାସ୍ତାର ମରାମତି ଓ ପ୍ରଶସ୍ତିକରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଦୃଷ୍ଟି ଦିଅନ୍ତୁ ବୋଲି ପର୍ଯ୍ୟଟକମାନେ କହିଥିଲେ।

DSPL-450

## ଜାତୀୟ ସଡ଼କ ସୁରକ୍ଷା ମାସ- ୨୦୨୬ ଅବସରରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀଙ୍କ ବାର୍ତ୍ତା

ଜାନୁୟାରୀ ମାସକୁ 'ଜାତୀୟ ସଡ଼କ ସୁରକ୍ଷା ମାସ' ଭାବରେ ପାଳନ କରାଯାଉଅଛି । ଚଳିତ ବର୍ଷର ଆହ୍ୱାନ - "ଶିକ୍ଷାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ" । ଦେଶରେ ତଥା ଆମ ରାଜ୍ୟରେ ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁ ସଂଖ୍ୟା ଏକ ଚିନ୍ତାର ବିଷୟ ତଥା ଉଦବେଗଜନକ । ସଂପ୍ରତି ସ୍ଥିତିରେ ସୁଧାର ଆଣିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମେ ସଂକଳ୍ପବଦ୍ଧ । ବିଭିନ୍ନ ପଦକ୍ଷେପ ସହ ଛଅଟି 'ଇ' Education, Enforcement, Engineering, Emergency Care, Empathy ଓ Environment ଆଧାରରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମକୁ ବ୍ୟାପକ କରିଛୁ । ଏଥିନିମନ୍ତେ ସାମୂହିକ ଭାଗିଦାରୀର ଆବଶ୍ୟକତା ରହିଛି ।

ଗ୍ରାମାଞ୍ଚଳରେ ସଡ଼କ ଦୁର୍ଘଟଣା ମୃତକଙ୍କ ମଧ୍ୟରେ ଅଧିକାଂଶ ଦୁଇଚକିଆ ବ୍ୟବହାରକାରୀ ରହୁଛନ୍ତି । ଏହି ଆହ୍ୱାନର ମୁକାବିଲା ପାଇଁ ଦୁଇ ଚକିଆ ଯାନରେ ଗଲେ ହେଲମେଟ୍ ପିନ୍ଧିବା, ଚାରିଚକିଆ ଯାନରେ ଗଲେ ସିଟବେଲ୍ଟ ପିନ୍ଧିବା, ଦ୍ରୁତଗତି କିମ୍ବା ନିଶା ସେବନ କରି ଗାଡ଼ି ଚଲାଇବା ନାହିଁ, ଗାଡ଼ି ଚଲାଇବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ନାହିଁ । ସେହିଭଳି ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା କରିବାରେ ଆଦୌ ପଛାଇବା ନାହିଁ ।

ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ଗୁଡ୍ ସମରିଟାନ୍ ଯୋଜନାରେ ସମ୍ମାନ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । କେନ୍ଦ୍ର ସରକାର ରାହା-ବୀର୍ ଯୋଜନାରେ ଜୀବନ ରକ୍ଷାର ଏହି ଅଭିଯାନକୁ ବ୍ୟାପକ କରିଛନ୍ତି । 'କ୍ୟାଶଲେସ୍ ଟ୍ରିଟମେଣ୍ଟ ଫର୍ ରୋଡ୍ ଆକ୍ସିଡେଣ୍ଟ ଭିକ୍ଟିମ୍' ବ୍ୟବସ୍ଥାରେ ସମସ୍ତ ସରକାରୀ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ସଂପୂର୍ଣ୍ଣ ନିଃଶୁଳ୍କରେ ଚିକିତ୍ସା ଯୋଗାଇ ଦିଆଯାଉଥିବା ବେଳେ ଅନୁବନ୍ଧିତ ଘରୋଇ ଡାକ୍ତରଖାନାରେ ପ୍ରଥମ ସାତ ଦିନରେ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବାର ଯୋଜନା ହୋଇଛି ।

ସରକାରଙ୍କ ଲକ୍ଷ୍ୟ ହେଉଛି, ଅକାଳରେ ଝଡ଼ିଯାଉଥିବା ଜୀବନକୁ ରକ୍ଷା କରିବା । ଆପଣ ମଧ୍ୟ ଏହି ଅଭିଯାନରେ ସାମିଲ ହୁଅନ୍ତୁ । ସଡ଼କ ସୁରକ୍ଷା ନିୟମ ପାଳନ କରନ୍ତୁ ଓ ସଡ଼କ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ ।

ଶ୍ରୀ ବିଭୂତି ଭୂଷଣ ଜେନା
ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି

OIPR-

ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

